# ବିର୍ସା ଓ ଓଶୋ ମଧ୍ୟ ମହାନ୍ ଭାରତୀୟ ଥିଲେ

'ଷାଠିଏ ଶ୍ରେଷ୍ଠତମ ଭାରତୀୟ' ଶୀର୍ଷକ ଉପରେ ପାକ୍ଷିକ 'ଇଣ୍ଡିଆ ଟୁଡେ'ର ୨୧, ଏପ୍ରିଲ୍ , ୨୦୦୮ ସଂଖ୍ୟାଟି ଆଧାରିତ । ଏହାର ସଂପାଦକୀୟରୁ ସ୍ପଷ୍ଟ ବାରି ହେଉଛି ଯେ, ଏହି ଷାଠିଏ ଜଣଙ୍କ ନାମ ତାଲିକା ପତ୍ରିକାର ସମ୍ପାଦନା ମଣ୍ଡଳୀ ନିଜ ଭିତରେ ଆଲୋଚନା କରି ସ୍ଥିର କରିଛନ୍ତି । ସୁତରାଂ ସେମାନେ ଯେଉଁ ନାମଗୁଡିକ ବାଛି ଯୋଗ୍ୟତାର ପ୍ରତିଯୋଗିତା କରାଇଲେ, ପାଠକମାନେ (ମୋଟ୍ ୧୮,୯୨୮ ପାଠକ) ଇମେଲ୍ ଏବଂ ଏସ୍.ଏମ୍.ଏସ୍. ଜରିଆରେ କେବଳ ସେମାନଙ୍କୁ ହିଁ ଭୋଟ୍ ଦେବାର ସୁଯୋଗ ପାଇଲେ, ଏବଂ ଏହି ଭୋଟ୍ ଆଧାରରେ ପ୍ରଥମ ଦଶଜଣ ସର୍ବଶ୍ରେଷ୍ଠ ଭାରତୀୟ ଏବଂ ସେମାନଙ୍କ ଭିତରେ କିଏ ପ୍ରଥମ, କିଏ ଦ୍ୱିତୀୟ, କିଏ ତୃତୀୟ ଇତ୍ୟାଦି ସ୍ଥାନ ଘୋଷଣା କରାଗଲା । କିନ୍ତୁ ସଂପାଦନା ମଣ୍ଡଳୀ ଏମିତି ଭାବିଛନ୍ତି କି, ଏହି ଷାଠିଏ ଜଣଙ୍କ ନାମ ତାଲିକା ବାହାରେ ମଧ୍ୟ ଏପରି କୌଣସି ଭାରତୀୟ ରହି ପାରିଥାନ୍ତି, ଯାହାଙ୍କ ନାମରେ ଭୋଟ୍ ହୋଇଥିଲେ ସେ ମଧ୍ୟ ବେଶ୍ ଭୋଟ୍ ପାଇଥାନ୍ତେ ଏବଂ ହୁଏତ୍ ପ୍ରଥମ ଦଶଜଣଙ୍କ ଭିତରେ ସ୍ଥାନ ଅଧିକାର କରିଥାନ୍ତେ ? ଉଦାହରଣ ସ୍ୱରୂପ, ବିର୍ସା ମୁଣ୍ଡା (୧୮୭୫-୧୯୦୦), ଯେ କି ଜଙ୍ଗଲ ଉପରେ ସ୍ଥାନୀୟ ଆଦିବାସୀଙ୍କ ଅଧିକାରକୁ କେନ୍ଦ୍ର କରି ବ୍ରିଟିଶ୍ ବିରୁଦ୍ଧରେ ଲଢେଇ କରି ମାତ୍ର ୨୫ବର୍ଷ ବୟସରେ ରାଞ୍ଚି ଜେଲଖାନାରେ ପ୍ରାଣତ୍ୟାଗ କରିଥିଲେ । ତାଙ୍କୁ ଏବେ ବି ଦେଶର ଆଦିବାସୀମାନେ (ଯେଉଁମାନେ କି ସମଗ୍ର ଜନସଂଖ୍ୟାର ପ୍ରାୟ ଶତକଡା ୮) ବିର୍ସା ଭଗବାନ ବୋଲି ସମ୍ମାନ କରନ୍ତି, ଏବଂ ଜମି, ଜଳ ଓ ଜଙ୍ଗଲ ଉପରେ ଲୋକଙ୍କ ଅଧିକାରକୁ କେନ୍ଦ୍ର କରି ଦେଶର ଚାରିଆଡେ ଯେଉଁ ଜନ ଆନ୍ଦୋଳନ ଚାଲିଛି, ତାହାର ବିଶିଷ୍ଟ ପ୍ରତୀକ ଓ ପ୍ରେରଣା ରୂପେ ପ୍ରବାଦ ପୁରୁଷ ବିର୍ସା ମୁଣ୍ଡା ଏବେବି କ୍ରିୟାଶୀଳ ଅଛନ୍ତି । ଯଦି 'ଇଣ୍ଡିଆ ଟୁଡେ' ତରଫରୁ ତାଙ୍କ ନାମ ଷାଠିଏ ଜଣଙ୍କ ତାଲିକା ଭିତରେ ରଖାଯାଇଥାନ୍ତା, ତେବେ ସେ ମଧ୍ୟ ବେଶ୍ କିଛି ଭୋଟ୍ ପାଇଥାନ୍ତେ ଏବଂ ହୁଏତ୍ ପ୍ରଥମ ଦଶଜଣଙ୍କ ଭିତରେ ସ୍ଥାନ ଅଧିକାର କରିଥାନ୍ତେ । କିନ୍ତୁ ମୂଳ ତାଲିକା ଭିତରେ ବିର୍ସାଙ୍କ ନାମ ସ୍ଥାନିତ ନଥିବାରୁ ତାଙ୍କୁ ମହାନ୍ ମନେ କରୁଥିବା ପାଠକଗଣ ତାଙ୍କୁ ଭୋଟ୍ ଦେବାର ସୁଯୋଗ ନଥିଲା । ସେମିତି ଆଉ ଗୋଟିଏ ଉଦାହରଣ ନିଆଯାଉ । 'ଇଣ୍ଡିଆ ଟୁଡେ'ଙ୍କ ଷାଠିଏ ଜଣ ତାଲିକାରେ ରାଜା ରାମମୋହନ ରାୟ (୧୭୭୨-୧୮୩୩)ଙ୍କ ନାମ ଉଲ୍ଲେଖ ଅଛି । କିନ୍ତୁ ତାଙ୍କର ଜଣେ ଉତ୍ତରପୁରୁଷ ସ୍ୱାମୀ ବିବେକାନନ୍ଦ(୧୮୬୩-୧୯୦୨)ଙ୍କ ନାମ ନାହିଁ । ଯଦି ମୂଳ ତାଲିକାରେ ବିବେକାନନ୍ଦଙ୍କ ନାମ ଥାଆନ୍ତା, ତେବେ ସମ୍ଭବତଃ ତାଙ୍କୁ ମଧ୍ୟ ବେଶ୍ କିଛି ଭୋଟ୍ ମିଳିଥାନ୍ତା, ଏବଂ ସେ ହୁଏତ୍ ପ୍ରଥମ ଦଶଜଣଙ୍କ ମଧ୍ୟରେ ସ୍ଥାନିତ ହୋଇଥାନ୍ତେ । ସୁତରାଂ ମୂଳ ତାଲିକାର ନାମଚୟନ କେଉଁ ମାନଦଣ୍ଡକୁ ଆଧାର କରି ପ୍ରସ୍ତୁତ କରାଗଲା, ତାହାକୁ ସଂପାଦନା ମଣ୍ଡଳୀ ସ୍ପଷ୍ଟ କରିଥିଲେ ଭଲ ହୋଇଥାନ୍ତା ।

**ବିଶିଷ୍ଟ ବ୍ୟକ୍ତି ନା ଦିଗଦ୍ରଷ୍ଟା, କିଏ ମହାନ୍**

ଦ୍ୱିତୀୟ ଓ ଅଧିକ ମୌଳିକ ପ୍ରଶ୍ନ ହେଉଛି, 'ମହାନ୍ ଭାରତୀୟ'ର ମୂଳ ତାଲିକାର ନାମଚୟନ କଲାବେଳେ ସଂପାଦନା ମଣ୍ଡଳୀର ଦୃଷ୍ଟିଭଙ୍ଗୀ କ'ଣ ହେବା ଉଚିତ୍ ? କେଉଁମାନଙ୍କୁ ମହାନ୍ ରୂପେ ପ୍ରାଧାନ୍ୟ ଦିଆଯିବ ? ଯେଉଁମାନେ ରାଜନୀତି, ଆଧ୍ୟାତ୍ମିକତା, ସମାଜସଂସ୍କାର, ଜନସେବା, ବିଜ୍ଞାନ, ଶିଳ୍ପ, ବାଣିଜ୍ୟ, କ୍ରୀଡା, ସଂଗୀତ, ଚଳଚ୍ଚିତ୍ର ବା ସାହିତ୍ୟ ଇତ୍ୟାଦି କ୍ଷେତ୍ର ହେଉ, ସେଥିରେ ଆଗରୁ ଆବିଷ୍କୃତ ବା ପ୍ରଦର୍ଶୀତ ହୋଇଥିବା ଏକ ମାର୍ଗରେ ଗତିକରି କ୍ଷମତା ବା ସୁନାମ ହାସଲ କରିଛନ୍ତି ନା ଯେଉଁମାନେ ନୂଆକରି ଏକ ମାର୍ଗଦର୍ଶନ କରିଛନ୍ତି ଅଥଚ କ୍ଷମତାସିକ୍ତ ହୋଇପାରିନାହାନ୍ତି କି ତଥାକଥିତ ଅର୍ଥରେ ସୁନାମ ବା ଲୋକପ୍ରିୟତା ହାସଲ କରିପାରିନାହାନ୍ତି ? ପ୍ରଥମ ଧରଣର ବ୍ୟକ୍ତିମାନଙ୍କୁ ଆମେ କହିପାରିବା ବିଶିଷ୍ଟ ବ୍ୟକ୍ତି, କିନ୍ତୁ ଦ୍ୱିତୀୟ ଧରଣର ବ୍ୟକ୍ତିମାନେ ହେଉଛନ୍ତି ମାର୍ଗଦର୍ଶକ ବା ଦିଗଦ୍ରଷ୍ଟା । ଏବଂ ଇତିହାସର ଏହା ଏକ କରୁଣ ସତ୍ୟ ଏହି ଯେ, ଦିଗଦ୍ରଷ୍ଟାମାନେ ହିଁ ତାଙ୍କ ଜୀବଦ୍ଦଶାରେ କେବଳ ବିବଦମାନ ନୁହେଁ, ନିନ୍ଦିତ ଓ ଭର୍ତ୍ସିତ ମଧ୍ୟ ହୋଇଥାଆନ୍ତି । କିନ୍ତୁ ଅନନ୍ୟ ବ୍ୟକ୍ତିମାନଙ୍କର କାର୍ଯ୍ୟାବଳୀ ବା ରଚନାବଳୀ ଏକ ନୂତନ ପରମ୍ପରାର ମୂଳଦୁଆ ପକାଇଥାଏ, ଯାହାକି ସେମାନେ ମରିଗଲା ପରେ ବି ଏକ ପ୍ରବହମାନ ଧାରାରେ ପରିଣତ ହୁଏ ଏବଂ କାଳକ୍ରମେ ଅଧିକରୁ ଅଧିକ ପ୍ରଭାବଶାଳୀ ହେବାକୁ ଲାଗେ ।

**ଓଶୋ ଥିଲେ ଜଣେ ଦିଗ୍‌ଦ୍ରଷ୍ଟା**

ଉପରୋକ୍ତ ସିଦ୍ଧାନ୍ତକୁ ବୁଝିବା ପାଇଁ ବର୍ତ୍ତମାନ ଭାରତର ସମସାମୟିକ ଇତିହାସରୁ ସେଭଳି ଜଣେ ମାର୍ଗଦର୍ଶକ ବା ଦିଗଦ୍ରଷ୍ଟାଙ୍କର ଉଦାହରଣ ନେବା । ସେ ହେଉଛନ୍ତି 'ନବ-ସନ୍ୟାସ' ସାଧନାର ପ୍ରବର୍ତ୍ତକ ଓଶୋ (୧୯୩୧-୧୯୯୦), ଯାହାଙ୍କ ପିଲାଦିନର ନାମ ଚନ୍ଦ୍ରମୋହନ ଜୈନ ଏବଂ ଡାକନାମ ରଜନୀଶ୍ ଥିଲା, ଏବଂ ଯେ କି ପରବର୍ତ୍ତୀ ପର୍ଯ୍ୟାୟରେ ଆଚାର୍ଯ୍ୟ ରଜନୀଶ୍ ଏବଂ ତା'ପରେ ଭଗବାନ ଶ୍ରୀ ରଜନୀଶ୍ ଏବଂ ଓଶୋ ରଜନୀଶ୍ ନାମରେ ଭାରତ ଓ ଭାରତ ବାହାରେ ପରିଚିତ ଥିଲେ । ଭାରତର ପୁନାଠାରେ ସତୁରି ଦଶନ୍ଧିରେ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଆଶ୍ରମ ସହିତ ସମସ୍ତ ମହାଦେଶର ବିଭିନ୍ନ ଦେଶରେ ବିଭିନ୍ନ ନାମରେ ଓଶୋ ଆଶ୍ରମ କାର୍ଯ୍ୟକରୁଛି । ୧୯, ଜାନୁଆରି ୧୯୯୦ରେ ତାଙ୍କର ମୃତ୍ୟୁ ପରେ ନୂଆ ନୂଆ ଓଶୋ ଆଶ୍ରମ ପ୍ରତିଷ୍ଠା ହେବା ସହିତ ତାଙ୍କର ଧ୍ୟାନକେନ୍ଦ୍ର ଗୁଡିକରେ ସାଧକ ତଥା ତାଙ୍କର ପ୍ରବଚନ ଉପରେ ଆଧାରିତ ଶହଶହ ଗ୍ରନ୍ଥ ଓ ପୁସ୍ତକର ପାଠକ ସଂଖ୍ୟା ମଧ୍ୟ ବଢିବଢି ଚାଲିଛି । ଏକଥା ସତ ଯୁକ୍ତରାଷ୍ଟ୍ର ଆମେରିକାର ଓରେଗୋନ୍‌ର ଆଣ୍ଟେଲୋପ୍ ଠାରେ ୧୯୮୦ରୁ ୮୫ଭିତରେ ରଜନୀଶପୁରମ୍ ନାମରେ ଏକ ବିଶାଳ ଆଶ୍ରମ ସେ ପରିଚାଳନା କରିବା ସମୟରେ ବିଭିନ୍ନ ଅପରାଧରେ ଅଭିଯୁକ୍ତ ହୋଇ ପ୍ରଥମେ ତାଙ୍କର ସହକର୍ମୀମାନଙ୍କୁ ଓ ପରେ ତାଙ୍କୁ ସେଠାକାର ସରକାରଙ୍କ ଦ୍ୱାରା ଗିରଫ ଓ ଜେଲ୍ ଭୋଗିବାକୁ ପଡିଥିଲା । ତା'ପରେ ସେ ଏକ ବିଶ୍ୱଭ୍ରମଣରେ ବାହାରି ୨୫ଟି ଦେଶକୁ ନିଜ ବାର୍ତ୍ତା ପ୍ରଚାର ପାଇଁ ଗସ୍ତ କରିଥିଲେ, କିନ୍ତୁ ପ୍ରତି ଦେଶରୁ ନିର୍ବାସିତ ହୋଇ ଶେଷକୁ ୧୯୮୭ରେ ଭାରତର ପୁନା ଆଶ୍ରମକୁ ଫେରି 'ଓଶୋ' ନାମ ଧାରଣ କରି ସେହିଠାରେ ହିଁ ପୀଡିତ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ । ଓଶୋଙ୍କ ସହିତ ୧୯୭୦ଠାରୁ ଶେଷ ଯାଏ ତାଙ୍କ ସହ ପରିଚିତ ଥିବା ଜଣେ ମହିଳା ଖ୍ରିଷ୍ଟୋଫର୍ କାଲ୍‌ଡର୍‌ଙ୍କ ମତରେ, 'ରଜନୀଶ୍ ଥିଲେ ସର୍ବୋତ୍ତମଙ୍କ ଭିତରେ ସର୍ବୋତ୍ତମ ଏବଂ ଘୃଣ୍ୟତମଙ୍କ ଭିତରେ ଘୃଣ୍ୟତମ' (୧୯୯୮) । କିନ୍ତୁ ବିଚିତ୍ର କଥା ହେଉଛି, ରଜନୀଶଙ୍କ ବିଷୟରେ ସମସ୍ତ ପ୍ରକାର ବିରୂପ ମତାମତ ଜାଣିସୁଦ୍ଧା ଭାରତର ଓ ବିଦେଶର ବହୁ ବିଶିଷ୍ଟ ବ୍ୟକ୍ତି କେବଳ ଓଶୋଙ୍କ ବହି ପଢି ତାଙ୍କୁ ଏକ ଅନନ୍ୟ ଚିନ୍ତାନାୟକ ବୋଲି ବର୍ଣ୍ଣନା କରିଛନ୍ତି । ଦୃଷ୍ଟାନ୍ତ ସ୍ୱରୂପ, ଖୁଶ୍‌ୱନ୍ତ ସିଂହ କହିଛନ୍ତି, "ଭାରତରେ ଜନ୍ମ ହୋଇଥିବା ଚିନ୍ତାନାୟକଙ୍କ ଭିତରେ ଓଶୋ ଥିଲେ ସବୁଠୁ ମୌଳିକ, ସବୁଠୁଁ ବଡ ଜ୍ଞାନଦର୍ଶୀ ଏବଂ ତାଙ୍କର ଚିନ୍ତାଧାରା ସବୁଠୁଁ ସୁସ୍ପଷ୍ଟ ଏବଂ ସୃଜନଧର୍ମୀ ।" *(ଦ୍ରଷ୍ଟବ୍ୟ: ଆଲ୍ଲାଙ୍କ ଠାରୁ ଜେନ୍ ପର୍ଯ୍ୟନ୍ତ, ଡାଏମଣ୍ଡ ପକେଟ୍ ବୁକ୍‌ସ, ୨୦୦୦)* । ଖୁଶ୍‌ୱନ୍ତଙ୍କ ଭଳି ଆଉ ଯେଉଁମାନେ ଓଶୋଙ୍କ ମୌଳିକ ଅବଦାନକୁ ସ୍ୱୀକାର କରିଛନ୍ତି ସେମାନଙ୍କ ଭିତରେ ଅଛନ୍ତି ଅମ୍ରିତା ପ୍ରୀତମ୍, ଦଲାଇଲାମା, ଏମ୍.ଭି.କାମାଥ୍, ପ୍ରୀତିଶ୍ ନନ୍ଦୀ, ସୁଭାଷ ଘାଇ, ଚିତ୍ରତାରକା ବିନୋଦ ଖାନ୍ନା ଓ ଟାଇମସ୍ ଅଫ୍ ଇଣ୍ଡିଆର ସଂପାଦକ (୨୨ ଜାନୁଆରି ୧୯୯୦), ଏବଂ 'ଇଣ୍ଡିଆ ଟୁଡେ'ର ସଂପାଦକ ଅରୁଣ ପୁରୀ ତଥା ରାଜନେତା ମନମୋହନ ସିଂହ, ଲାଲକୃଷ୍ଣ ଆଡ୍‌ଭାନି, ଅଟଳ ବିହାରୀ ବାଜପାୟୀ. କ୍ରିଷ୍ଣ କାନ୍ତ (ପୂର୍ବତନ ଉପରାଷ୍ଟ୍ରପତି) ଓ କେ.ଆର୍.ନାରାୟନନ ଓ ଜ୍ଞାନୀ ଜୈଲ୍ ସିଂହ (ପୂର୍ବତନ

ରାଷ୍ଟ୍ରପତି) । ଏହାଛଡ଼ା ଆମେରିକାର ବିଶିଷ୍ଟ ଔପନ୍ୟାସିକ ଟମ୍ ରବିନ୍ସ ମନ୍ତବ୍ୟ ଦେଇଥିଲେ, "ଆମେ ନିଜ ବିଷୟରେ ଯାହା ଜାଣିଛୁ, ଓଶୋ ତାହାଠାରୁ ଭଲ ଜାଣିଥିଲେ" । ବର୍ତ୍ତମାନ ପୃଥିବୀର ପ୍ରାୟ ୫୦ଟି ଭାଷାରେ ଓଶୋଙ୍କର ୬୫୦ଟି ପୁସ୍ତକ ପ୍ରକାଶ ପାଇସାରିଛି ।

**ଓଶୋଙ୍କ ନୂଆ ଧ୍ୟାନସୂତ୍ର**

ଏହି ଲେଖକ ମତରେ ଓଶୋ ତାଙ୍କର କେତୋଟି ଅମୂଲ୍ୟ ଅବଦାନ ପାଇଁ ସ୍ମରଣୀୟ ହୋଇ ରହିବେ । ନିନ୍ଦୁକମାନଙ୍କର ସମସ୍ତ ଭର୍ତ୍ସନା ଓ ତାତ୍ସଲ୍ୟ ସତ୍ତ୍ୱେ ଉଭୟ ପ୍ରାଚ୍ୟ ଓ ପାଶ୍ଚାତ୍ୟ ଜଗତର ସତ୍ୟାନ୍ୱେଷୀ ବ୍ୟକ୍ତିମାନେ ସେ ଛାଡ଼ିଯାଇଥିବା ଅସଂଖ୍ୟ ସୁଖପାଠ୍ୟ ପୁସ୍ତକକୁ ଜୀବନର ଉଦ୍ଦେଶ୍ୟ ସମ୍ବନ୍ଧରେ ମୌଳିକ ଜିଜ୍ଞାସାର ପରିପୂର୍ତ୍ତୀ ପାଇଁ କେବେ ନା କେବେ ଅଧ୍ୟୟନ କରିବେ ଏବଂ ସୀମାହୀନ ଅସ୍ତିତ୍ୱ ସହ ନିଜର ଯୋଗସୂତ୍ର ଠାବ କରିବା ପାଇଁ ସେ ପ୍ରଦର୍ଶନ କରିଯାଇଥିବା ନୂତନ ଧ୍ୟାନ ଶୈଳୀକୁ ପରୀକ୍ଷା କରିବେ । ଓଶୋଙ୍କ ଅବର୍ତ୍ତମାନରେ ଏବଂ ବିଶେଷ କରି ତାଙ୍କ ଘନିଷ୍ଠ ଅନୁଗାମୀମାନଙ୍କ ଭିତରେ ପ୍ରଚଣ୍ଡ ଅନ୍ତର୍ଦ୍ୱନ୍ଦ୍ୱ ଲାଗିରହିଥିବା ବେଳେ ତଥା କୌଣସି ରାଷ୍ଟ୍ର କିମ୍ବା ଦଳ କିମ୍ବା ଧର୍ମୀୟ ଗୋଷ୍ଠୀର ପ୍ରୋତ୍ସାହନ ନଥାଇ ସୁଦ୍ଧା ଲୋକେ ଓଶୋଙ୍କ ଗ୍ରନ୍ଥ ଓ ଧ୍ୟାନସୂତ୍ର ଆଡେ ଅଧିକରୁ ଅଧିକରୁ ମୁହାଁଇଛନ୍ତି । ଏହାହିଁ ବର୍ତ୍ତମାନ ବିଶ୍ୱବ୍ୟାପୀ ଓଶୋ ଜାଗରଣର ଏକ ଅକାଟ୍ୟ ଲକ୍ଷଣ । ଓଶୋଙ୍କର ପ୍ରଥମ ମୌଳିକ ଅବଦାନ ହେଲା, ଯାହାକି ତାଙ୍କର ସମାଲୋଚକମାନେ ମଧ୍ୟ ସ୍ୱୀକାର କରିଛନ୍ତି, ଭାରତରେ ଅତୀତରୁ ୧୧୨ପ୍ରକାର ଧ୍ୟାନ ଶୈଳୀ ଥିଲା ବେଳେ ସେ ଆଧୁନିକ ମଣିଷକୁ ସୁହାଇବା ଭଳି ସରଳ ଅଥଚ ଫଳପ୍ରଦ ନୂଆ କେତୋଟି ଧ୍ୟାନ ଶୈଳୀର ଉଦ୍ଭାବନ କରିଛନ୍ତି, ଯାହାକୁ ଯୋଗ, ପ୍ରାଣାୟମ ଏବଂ ବ୍ୟାୟାମର ସମାହାର କୁହା ଯାଇପାରେ, ଯଥା, ଗତିମୟ ଧ୍ୟାନ, କୁଣ୍ଡଳିନୀ, ନାଦବ୍ରହ୍ମ ଏବଂ ରହସ୍ୟଭରା ଗୋଲାପ ଇତ୍ୟାଦି । ସେଥିମଧ୍ୟରୁ ଗତିମୟ ଧ୍ୟାନ (ଡାଏନାମିକ ମେଡିଟେସନ୍) ସବୁ ବର୍ଗର ଓ ସବୁ ବୟସର ପୁରୁଷ ଅବା ମହିଳା ପାଇଁ ଉପଯୋଗୀ । ଏହିସବୁ ଧ୍ୟାନର ମୂଳ ଉଦ୍ଦେଶ୍ୟ ନୁହେଁ କୌଣସି ଅଦୃଶ୍ୟ ପରମାତ୍ମା ଉପରେ ମନୋନିବେଶ କରିବା; ଏହାର ଉଦ୍ଦେଶ୍ୟ ହେଉଛି, ଅତୀତ ଓ ସାଂପ୍ରତିକ ସମାଜର ଯେତେସବୁ ଚିନ୍ତା ଓ ସଂସ୍କାର ଆମର ମନକୁ ଆଚ୍ଛନ୍ନ କରି ରଖିଛି ଏବଂ ଯାହା ଦ୍ୱାରା ଆମେ ଆମ ଅଜାଣତରେ ବା ଅଧା-ଜାଣତରେ ମଧ୍ୟ ପରିଚାଳିତ ହେଉଛେ ଏବଂ ପରିଣାମତଃ ଏକ 'ଜୀବନ୍ତ ମୃତ୍ୟୁ' ଭିତରେ ଗତି କରିଚାଲିଛେ, ସେଗୁଡ଼ିକୁ ଆବିଷ୍କାର କରିବା । ଆବିଷ୍କାର ହିଁ ଯଥେଷ୍ଟ, କାରଣ ଏହା ଆଲୋକ ଭଳି, ଯାହାର ଆଗମନରେ ଅଜ୍ଞାନତାର ଅନ୍ଧକାର ଆପେଆପେ ହଟିଯାଇଥାଏ । ଓଶୋ ଧ୍ୟାନଶୈଳୀର ଆଉ ଏକ ବଡ ବୈଶିଷ୍ଟ ହେଲା, ଆସ୍ତିକ, ନାସ୍ତିକ ଓ ଅଜ୍ଞେୟବାଦୀ, ଯେ କେହି ବ୍ୟକ୍ତି ନିଜର ବିଶ୍ୱାସକୁ ବର୍ଜନ ନକରି ଏସବୁକୁ ଅଭ୍ୟାସ କରିପାରିବେ, କିନ୍ତୁ ପରିଶେଷରେ ନିଜେ ସେ ଏକ ଅସୀମ ଅସ୍ତିତ୍ୱର ଅଂଶବିଶେଷ ତାହା ଅନୁଭବ କରିପାରିବେ ଏବଂ 'ବର୍ତ୍ତମାନ'କୁ ସଂପୂର୍ଣ୍ଣ ଜାଗରଣ ସହକାରେ ଜୀଇଁ ପାରିବେ ।

**ଓଶୋଙ୍କ 'ନବ ସନ୍ୟାସୀ'**

ଓଶୋଙ୍କ ଅନୁଗାମୀମାନେ, ଏପରିକି ଓଶୋ ନିଜେ କେତେଦୂର 'ନବସନ୍ୟାସ'ର ଧାରଣାକୁ ନିଜ ଭିତରେ ବାସ୍ତବାୟିତ କରିଥିଲେ, ତାହା ପ୍ରାସଙ୍ଗିକ ନୁହେଁ, କାରଣ ସେ ନିଜେ କହି ଯାଇଛନ୍ତି 'ନବସନ୍ୟାସୀ' ହେବାପାଇଁ କୌଣସି ମନ୍ଦିର, ମସ୍‌ଜିଦ୍, ଗୀର୍ଜା, ମଠ, ଆଶ୍ରମ ଆଦି ଧର୍ମସ୍ଥଳକୁ ଯିବା କିମ୍ବା କୌଣସି ଧର୍ମ କି ମତବାଦର ଗୁରୁଙ୍କୁ, ଏପରିକି ଓଶୋଙ୍କୁ ଅନୁସରଣ କରିବା ଜରୁରୀ ନୁହେଁ । ବରଂ ଏହିସବୁ ସୀମୀତ ସତ୍ତାବିଶେଷର ଭାବଗତ ବନ୍ଧନର ଉର୍ଦ୍ଧ୍ୱକୁ ଗତି କରିପାରିଲେ ହିଁ ଜଣେ ବୃହତ୍ତର ଏବଂ ଗଭୀରତର ଅସ୍ତିତ୍ୱ ତଥା ତାହା ସହିତ ନିଜର ସଂପର୍କକୁ ଉପଲବ୍ଧି କରିପାରିବ ଏବଂ ଏହି ଉପଲବ୍ଧି ଘଟିଲେ ହିଁ ସେ ନିଜର ଅଭିଷ୍ଟ ଓ ଭୂମିକା ନିର୍ଣ୍ଣୟ କରିପାରିବ ଏବଂ ଏହାକୁ ନିଷ୍ଠାପର ଭାବେ ଅନୁଧାବନ କରିପାରିବ । ନବ-ସନ୍ୟାସୀ ହେବା ପାଇଁ କାହାକୁ କିଛି ଛାଡ଼ିବାକୁ ପଡ଼ିବନି, କେବଳ ନିଜ ବିଷୟରେ ସଂକୀର୍ଣ୍ଣ ଧ୍ୟାନଧାରଣା ଛଡ଼ା । ନବସନ୍ୟାସୀ ଭାବବାଦୀ ନୁହେଁ କି ବସ୍ତୁବାଦୀ ନୁହେଁ, ଅଥଚ ଉଭୟ ଭୌତିକ ଓ ଆତ୍ମିକ ବିକାଶ ପାଇଁ ସେ ପ୍ରତିବଦ୍ଧ । କିନ୍ତୁ ଭୌତିକ ବିକାଶର ଉଦ୍ଦେଶ୍ୟ ହେବ, ନିଜର ଏବଂ ସମୂହର ଆତ୍ମିକ ବିକାଶ । ନବ-ସନ୍ୟାସୀର ଧାରଣାକୁ ବୁଝାଇବା ପାଇଁ ସେ 'ଜୋର୍ବା ଦି ବୁଦ୍ଧ' (ବୁଦ୍ଧତ୍ୱ ପ୍ରାପ୍ତ ଜୋର୍ବା)ର ପ୍ରତୀକ ଚରିତ୍ର ବ୍ୟବହାର କରିଛନ୍ତି । ପ୍ରଖ୍ୟାତ ଗ୍ରୀକ୍ ଉପନ୍ୟାସ 'ଜୋର୍ବା ଦି ଗ୍ରୀକ୍' (୧୯୫୨)ରେ ଜୋର୍ବା ହେଉଛି ଏଭଳି ଜଣେ ଚରିତ୍ର, ଯେ କି କର୍ତ୍ତବ୍ୟନିଷ୍ଠ ଏବଂ ପରୋପକାରୀ ହେବା ସହିତ ଜୀବନକୁ ମଧ୍ୟ ମନଖୋଲା ଉପଭୋଗ କରିବାରେ ଅଭ୍ୟସ୍ତ । ନବ-ସନ୍ୟାସୀ ଏକାଧାରରେ ଜୋର୍ବା ହେବା ସହିତ ବୁଦ୍ଧଙ୍କ ଭଳି ଜ୍ଞାନଦୀପ୍ତ ମଧ୍ୟ ହୋଇଥିବ । ବିସ୍ମୟକର ହେଲେ ବି ସତ୍ୟ, ନବ-ସନ୍ୟାସୀର ଏପ୍ରକାର ସଂଜ୍ଞାୟନ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ପୂର୍ବତନ ସୋଭିଏତ୍ ଅଞ୍ଚଳର ଜର୍ଜିଆର ରାଜଧାନୀରେ ଗଢଉଠିଛି, 'ଓଶୋ-ଲେନିନ୍ ଧ୍ୟାନ କେନ୍ଦ୍ର' ।

**ଓଶୋଙ୍କ ନବ ଭାରତ**

ଓଶୋଙ୍କ ମତରେ ବ୍ୟକ୍ତି ଭଳି ଗୋଟିଏ ସଭ୍ୟତା ମଧ୍ୟ ଅନ୍ତର୍ମୁଖୀ ବା ବହୁମୁଖୀ ବା ଉଭୟର ସମାହାର ହୋଇପାରେ । ପ୍ରାଚୀନ ଭାରତ ଥିଲା, ଉଭୟ ଅନ୍ତର୍ମୁଖୀ ଓ ବହିର୍ମୁଖୀ, ଉଭୟ ଭୌତିକ ଏବଂ ଆତ୍ମିକ ସମୃଦ୍ଧି ଦୃଷ୍ଟିରୁ ବିଶ୍ୱରେ ଶ୍ରେଷ୍ଠତମ, ଯାହାର ପ୍ରମାଣ ହେଉଛି ବେଦ, ଚରକ ସଂହିତା, ଗଣିତ, ଜ୍ୟୋତିଷ, ଓ ଯୋଗଶାସ୍ତ୍ର ଭଳି ବୈଜ୍ଞାନିକ ଗ୍ରନ୍ଥଗୁଡ଼ିକର ରଚନା; ଅନ୍ୟ କୌଣସି ସଭ୍ୟତା ଠାରୁ ଏତେ ବିଶାଳ ପରିମାଣର ବୈଜ୍ଞାନିକ କୃତି ଉପଲବ୍ଧ ହୁଏନାହିଁ । କିନ୍ତୁ ମଧ୍ୟଯୁଗୀୟ ଭାରତ ହୋଇପଡ଼ିଲା କେବଳ ଅନ୍ତର୍ମୁଖୀ, ଏବଂ ଭାବିଲା ବାହାରର ଯେ କୌଣସି ଶକ୍ତି ଆମକୁ ଆକ୍ରମଣ କଲେ ଆମେ ଆମର ଆତ୍ମିକ ଶକ୍ତି ବଳରେ ସେମାନଙ୍କୁ ନିଜର କରିନେବୁ । କିନ୍ତୁ ଏହା ଏକ ଅଳୀକ ସ୍ୱପ୍ନ ଥିଲା । ଦେଖାଗଲା, ଭାରତ ଠାରୁ ସଭ୍ୟତା ଦୃଷ୍ଟିରୁ ଅତ୍ୟନ୍ତ ଅନୁନ୍ନତ, ଛୋଟଛୋଟ ବର୍ବର ଗୋଷ୍ଠୀ, ଯଥା ତୁର୍କ, ମଙ୍ଗୋଲ ଓ ମୋଗଲମାନେ ଆମକୁ ସହଜରେ ପରାଜିତ କରିନେଲେ । ସେହି ଏକପାଖିଆ ଅନ୍ତର୍ମୁଖିତାର ପ୍ରବଣତା ଏବେବି ଭାରତୀୟ ମାନସିକତାକୁ ଆଚ୍ଛନ୍ନ କରିରଖିଛି, ଯାହା ଫଳରେ ଆମେ ଗୋଟିଏ ପଟରେ ଅନ୍ୟମାନଙ୍କ ଠାରୁ ନିଜର ଶ୍ରେଷ୍ଠତ୍ୱ କଥା କହୁଛୁ, ଅଥଚ ଅନ୍ୟପଟରେ ସେହିସବୁ ଦେଶମାନଙ୍କ ପାଖରୁ ପୁଞ୍ଜି, ଋଣ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଇତ୍ୟାଦି ପାଇଁ ହାତ ପତାଉଛୁ । ସୁତରାଂ ଭାରତର ପୁନର୍ନିର୍ମାଣ ପାଇଁ ଆଜି ଦରକାର ହେଉଛି ଅନ୍ତର୍ମୁଖିତାର ଉପଲବ୍ଧ ଶକ୍ତିକୁ ବଜାୟ ରଖି ବହିର୍ମୁଖିତା, ଅର୍ଥାତ୍ ପାର୍ଥିବ ଏବଂ ବୈଷୟିକ ସମୃଦ୍ଧିର ନିରନ୍ତର ସାଧନା *(ଦ୍ରଷ୍ଟବ୍ୟ: ଭାରତ ଏକ ସନାତନ ଯାତ୍ରା, ୨୦୦୨)*। ଏହାଛଡ଼ା ପ୍ରାଚୀନ, ମଧ୍ୟଯୁଗୀୟ ଓ ଆଧୁନିକ ଭାରତର ବିଭିନ୍ନ ଗ୍ରନ୍ଥ, ମନୀଷୀ ଓ ଚିନ୍ତାଧାରା ଉପରେ ସେ ଏକ ଅଭିନବ ଓ ମୌଳିକ ଦୃଷ୍ଟିରୁ ଆଲୋକପାତ କରିଛନ୍ତି, ଯାହାକି ସମସାମୟିକ ଭାରତର ଦୁରବସ୍ଥା ଓ ସେଥିରୁ ମୁକ୍ତିର ମାର୍ଗଦର୍ଶନ କରୁଛି । ସମସାମୟିକ ଭାରତ ଉପରେ ତାଙ୍କର ବିଶାଳକାୟ ରଚନାକୃତି ଭିତରେ ଅଛି 'ନବ ଭାରତ ଅନ୍ୱେଷଣ', 'ଭାରତର ଭବିଷ୍ୟତ', 'ଶିକ୍ଷାରେ କ୍ରାନ୍ତି', 'ନାରୀ ଓ କ୍ରାନ୍ତି', ଓ 'ନୂଆ ସମାଜର ସନ୍ଧାନ' ଇତ୍ୟାଦି ।

**Chitta Behera, 4A Jubilee Tower, Choudhury Bazar, Cuttack-9, Mobile: 9437577546, Dt. 21 April 2008**